<onl46><literature><novel.....><1987><book.><ପ୍ରଥମଅଧା><ସାତକଡି..
><1001>

ଓଡିଶା ଗୋଟିଏ ଛୋଟ ରାଜ୍ୟ । ଆହୁରି ଛୋଟ , ରାଜଧାନୀ ଭୁବନେଶ୍ୱର । ସକାଳ ପାହିଲେ ମୁହଁ ଚାହାଁଚୁହିଁ । କିନ୍ତୁ ତଥାପି ବନ୍ଧୁତ୍ୱ ରହୁନି । ଭାଙ୍ଗିଯାଏ ସଂପର୍କର ସେତୁବନ୍ଧ । କଥା ଦେଇ କଥା ରଖି ହୁଏ ନାହିଁ । ଚାରିଆଡେ ଅବିଶ୍ୱାସର ବିଷାକ୍ତ ପବନ । ଛୋଟ ମଣିଷର ମହାନୁଭବତା ବିରଳ ମୃତ୍ତିକା ପରି ପଡିରହେ ଅଚିହ୍ନା ଶବ ପରି । ବଡ ମଣିଷଙ୍କର ମେଳା ମହୋତ୍ସବ ଏଠାରେ । ଏଠାରେ କ୍ଷମତାର ଉତ୍‌ଥାନ ପତନ । ମଣିଷ ବଡ ହବାକୁ ଯାଇ ଛୋଟ ହୋଇଯିବାର ଦୃଶ୍ୟ ଯାଦୁଘରେ , ସୂଚନା ଭବନରେ ଏବଂ ଚାରୁକଳା ଭବନରେ ସାଇତା ହୋଇ ରହିଛି । ଛଳନା , ସବୁ ଛଳନା ।

ବସନ୍ତଋତୁରେ ଦିନେ ବାଜା ବଜେଇ , ରୋଷଣୀ କରି , ଗୀତ ଗାଇ ରାଜଧାନୀରେ ପାଦ ରଖିଲା ଶୈବାଳ ମହାପାତ୍ର । ପ୍ରାଚୀରପତ୍ରରେ ତାର ପରିଚୟ ଲେଖା ହେଲା । ରାସ୍ତା ଉପରେ ସ୍ଲୋଗାନ ଦିଆଗଲା । ସେ ଆଗାମୀର ପ୍ରବକ୍ତା । ଜନତା ଜନାର୍ଦ୍ଦନଙ୍କ ସେବାରେ ସେ ଉତ୍ସର୍ଗ କରିଛି ନିଜକୁ । ଅହମିକା ନୁହେଁ , ଉତ୍ସର୍ଗୀକୃତ ଶ୍ରମହିଁ ସାଧନାର ମୂଳମନ୍ତ୍ର ।

ଶୈବାଳ ମହାପାତ୍ରର ବଂଶ ପରିଚୟ ମଳିନ ପଡି ଯାଇଛି । ବଂଶବୃକ୍ଷ ଦେଖିବାର ପ୍ରୟୋଜନ ଆଉ ନାହିଁ । ସେ ଜାରଜ ବା ବର୍ଣ୍ଣଶଙ୍କର ନୁହେଁ । ସେ ନିଜେ ନିଜର ପରିଚୟ , ପ୍ରମାଣପତ୍ର ।

ଶୈବାଳ ପଥପ୍ରାନ୍ତ ସଭାରେ ଘୋଷଣା କଲା ତାର ସଂକଳ୍ପ , ‘ ଓଡିଆ ଜାତିକୁ ଏକ ମହାନ ସମୃଦ୍ଧ ଏବଂ ଶକ୍ତିଶାଳୀ ଜାତି ଭାବରେ ଗଢିବାକୁ ହେବ । ହୀନମନ୍ୟତାକୁ ପରିହାର କରିବାକୁ ହେବ । ପ୍ରକୃତିର ରତ୍ନଭଣ୍ଡାର ବିନିଯୋଗ ହୋଇ ନପାରି ପଡି ରହିଛି ସର୍ବତ୍ର । ଶୈଳ ମହାପାତ୍ର ପୁଣି ଲେଖା ହେବ । ଅତୀତର ଅଯୋଗ୍ୟତାର , ବିଫଳତାର ଏବଂ ବିଶ୍ୱାସଘାତକତାର କାହାଣୀକୁ ପୋଛି ଦେଇ

ରଚନା କରିବ ନବ ଜୀବନର କାହାଣୀ । ପୁଣି ଉତ୍କଳମଣି ଜନ୍ମ ହେବେ । ପୁଣି ଜନ୍ମ ନେବେ ସାରଳା ଦାସ । ପୁଣି ଫେରି ଆସିବେ ସୁରେନ୍ଦ୍ର ସାଏ ।'
ହାଟକୁ ଯାଉଥିବା ମଣିଷଟି ପରିବା କିଣିବା କଥା ଭୁଲିଯାଇ ଛିଡା ହେଲା ଚୌଛକିରେ ବକ୍ତୃତା ଶୁଣିବା ପାଇଁ । ଅଫିସ ଫେରନ୍ତା ଭୋକିଲା କିରାଣୀଟି ଅଟକି ଗଲା ଭାଗ୍ୟ ଗଣକ ପାଖରେ । ସାରାଦିନ ଅକ୍ଳାନ୍ତ ପରିଶ୍ରମ କରି ପିଇବାପାଇଁ ପାଣି ଟୋପାଏ ଖୋଜୁଥିବା ଦିନମଜୁରିଆଟି ଶୋଷ ଭୁଲି ଆଗାମୀର ପ୍ରତିଶ୍ରୁତିକୁ ଦୁଇ କାନରେ ଭଲ କରି ଶୁଣିବାପାଇଁ ବସିପଡିଲା ପାଣି ବାହାରୁ ନଥିବା ପାଣିକଳ ପାଖରେ ।
ଜନସଂଖ୍ୟା ବଢୁଛି । ଏକାମ୍ର ଭବନଠାରେ ଆଉ ଭୁବନେଶ୍ୱର ସହର ଅଟକି ଯାଇନାହିଁ । କୌଶଲ୍ୟାଗଙ୍ଗଠାରୁ ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରିଠାରୁ ମଞ୍ଚେଶ୍ୱର , ପୁଣି ଧଉଳିପାହାଡଠାରୁ ବାଣୀବିହାର ଅତିକ୍ରମ କରି ଚତୁର୍ଦ୍ଦିଗରେ ଖେଦି ଯାଉଛି ସହର ।
ରେଳ ଷ୍ଟେସନରେ ଓହ୍ଲେଇ ମୁହଁହାତ ଧୋଇ ଜଳଖିଆ ଚା ଖାଇ ଆସିବା ବେଳେ ଶୈଳବାଳାର ଶିଷ୍ୟ ନ ଥିଲେ । କିନ୍ତୁ ରାସ୍ତାରେ କାମ ନ ଥାଇ ଘୁରିବୁଲୁଥିବା ଅନେକ ଯୁବକ , ଯୁବତୀଙ୍କୁ ଦେଖିଲା ସେ । ସେମାନଙ୍କର ଆଖିରେ ହଜିଲା ସ୍ୱପ୍ନର ଛାଇ ,
ଓଠରେ ପରାଜୟର ମଳିନତା । କି ଅମୃତବେଳାରେ ଘରୁ ପାଦ ବାହାର କରିଥିଲା କେଜାଣି ସେମାନଙ୍କୁ ଏକତ୍ର କରିବାପାଇଁ ବେଶୀ ସମୟ ଲାଗିଲା ନାହିଁ । ସେମାନଙ୍କ ମୁହଁରେ ପୁଣି ଝଲସି ଉଠିଲା ଆଶାର ଦୀପ୍ତି , ପ୍ରସାରିତ ଦୃଷ୍ଟିରେ ଚମକି ଉଠିଲା ସ୍ୱପ୍ନ ।
ସୁଯୋଗ କାହାରି ଅପେକ୍ଷା କରେ ନାହିଁ ।
ସମୟ ବି କାହାରି ଅପେକ୍ଷା କରେ ନାହିଁ ।
ପୌରୁଷତ୍ୱ ଯାହାର କରାୟତ୍ତ , ସେ ସମୟର ଆହ୍ୱାନ ଶୁଣେ , ସୁଯୋଗର ଉପଯୋଗ କରେ । କର୍ଣ୍ଣ ପରି ବଂଶ ପରିଚୟକୁ ଉପେକ୍ଷା କରି ସେ କହିବ ,

ଉଚ୍ଚକୂଳରେ ଜାତ ହେବା ଦୈବର ଅଧୀନ , ପୁରୁଷକାର ମୋର ଅଧୀନ ।
ରାସ୍ତାକଡରେ ଚିନାବାଦାମ ଚୋବାଉଥିବା ବା ସିନେମା ପୋଷ୍ଟର
ଦେଖୁଥିବା ଅନେକେ ଆସି ରୁଣ୍ଡ ହେଲେ ଶୈବାଳ ପାଖରେ । ସେ ହେଲା
ସେମାନଙ୍କର ନେତା । ତାର ପତାକା ଧରି ସେମାନେ ଚାଲିବେ । ତାର ଜୟଧ୍ୱନି
ଦେବେ ତଣ୍ଟି ଫଟେଇ । ଫୁଲ ଯୋଗାଡ କରିବାଠାରୁ ମାଳ ପିନ୍ଧେଇବା ପର୍ଯ୍ୟନ୍ତ
ସବୁକାମ ସେମାନେ କରିବେ ।
ପଥପ୍ରାନ୍ତ ସଭା ଆରମ୍ଭ ହବାବେଳକୁ ସେମାନେ ସ୍ଲୋଗାନ ଦଉଥାନ୍ତି । //
ନିକୁଞ୍ଜ ମହାନ୍ତି କହିଲେ ଶୈଳବାଳାକୁ , ଭେକ ନଥିଲେ ଭିକ ମିଳେ ନାହିଁ ।
ତୁମର ପ୍ରଶିକ୍ଷଣ ବେଶ୍ କାର୍ଯ୍ୟରେ ଲାଗିବ । ତୁମେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୁଅ । ତୁମର
ଭୂମିକା ଗ୍ରହଣ କର । ଦେଶରେ କର୍ମୀଙ୍କର ଅଭାବ ନାହିଁ , ନେତାଙ୍କର ଅଭାବ ଅଛି ।
ଶୂନ୍ୟସ୍ଥାନ ପୂର୍ଣ୍ଣ କର । ଅପୂର୍ଣ୍ଣ କାମକୁ ପୂର୍ଣ୍ଣ କରିବାପାଇଁ ଅଭିଯାନ ଆରମ୍ଭ ହେଉ ।
ଅତୀତକୁ ପୋଛିଦେଇ ତୁମେ ଯେଉଁ ନୂତନକୁ ବରଣ କରୁଛ ତାର ବାଣୀ ପ୍ରସାରିତ
ହେଉ ।
ଶୈବାଳ ଉତ୍ଫୁଲିତ ହୋଇ କହିଲା , ସଂସାର ଛାଡି ବୈରାଗୀ ହବାକୁ
ବହୁ ଚେଷ୍ଟା କଲି । ସଂସାରକୁ ଶଙ୍କରାଚାର୍ଯ୍ୟଙ୍କ ପରି ସ୍ୱପ୍ନବତ୍ କହି ସତ୍ୟର ସନ୍ଧାନ କରି
ବହୁସ୍ଥାନ ବୁଲିଲି , ବହୁ ଆଶ୍ରମରେ ରହିଲି , ବହୁ ଗୁରୁଙ୍କୁ ଭେଟିଲି । କିନ୍ତୁ କାହିଁ ଶାନ୍ତି
ପାଇଲି ନାହିଁ । ଯେତିକି ବୁଲିଲି , ଅପ୍ରାପ୍ତିର ଯନ୍ତ୍ରଣାବୋଧ ମୋତେ ସେତିକି କାତର
କଲା । ମୁଁ ନିଃସଙ୍ଗ ହବାକୁ ଚେଷ୍ଟାକରି ସଙ୍ଗସୁଖ ପାଇଁ ବ୍ୟାକୁଳ ହୋଇଉଠିଲି ।
ନିକୁଞ୍ଜ ମହାନ୍ତି ସୁଯୋଗ ଉଣ୍ଡୁଥିଲେ । ହଠାତ୍ କହି ପକେଇଲେ ,
ସାଧନାରେ ସିଦ୍ଧିଲାଭ କରିଛ ଶୈବାଳ । ନିଜକୁ ନିଜ ଭିତରେ ପାଇବାର ଚେଷ୍ଟା
ନକରି ଅନ୍ୟଭିତରେ ପାଇବାକୁ ଚେଷ୍ଟା କର । ଅନ୍ୟର ମୁହଁରେ ତୁମ ମୁହଁର ହସ
ପ୍ରତିଫଳିତ ହେଉ ।
ଶୈବାଳ କିଛିଦିନ ପାଇଁ ନିକୁଞ୍ଜ ମହାନ୍ତିଙ୍କ ସହିତ ରହିଗଲା ମହାନଦୀ
କୂଳରେ ଏକ ଭଡାଘରେ ।

ସେତେବେଳକୁ ଦେଶରେ ଘନେଇ ଆସୁଥାଏ ସାମାଜିକ ଓ ସାଂସ୍କୃତିକ ସଙ୍କଟ । ପ୍ରତିଶ୍ରୁତି ଏବଂ ପ୍ରତିପାଳନ ମଧ୍ଯରେ ସମ୍ପର୍କଟି ଉଭେଇ ଯାଉଥାଏ କ୍ରମଶଃ । ପ୍ରତିଶ୍ରୁତି ଦବାଟା ବଡକଥା , ତାକୁ ପୂର୍ଣ୍ଣ କରିବାର ତାଡନା ନାହିଁ , ଆଗ୍ରହ ବି ନାହିଁ । ରାଶି ରାଶି ପ୍ରତିଶ୍ରୁତି ପାହାଡ ପରି ଗଦା ହୋଇଛି । ଅନ୍ୟ ଘରଟି ଶୂନ୍ୟ । ଚାରିଆଡେ ନୈରାଶ୍ୟ , ବିଶୃଙ୍ଖଳା , ଅଶାନ୍ତି ଓ ଅସ୍ଥିରତା । ବାଟବଣା ହୋଇ ବାଟ ପାଉ ନଥିବା ଲୋକର ଦୁର୍ଦ୍ଦଶା ପରି ଏକ ଦୟନୀୟ ଅବସ୍ଥା ।

ଏହାହିଁ ଉପଯୁକ୍ତ ମୁହୁର୍ତ୍ତ ।

ସେଥିପାଇଁ ପଣ୍ଡିତମାନେ କୁହନ୍ତି ଯେ ସଂକଟ ହିଁ ନେତୃତ୍ୱ ସୃଷ୍ଟିକରେ ।

ଆବଶ୍ୟକତା ସୃଷ୍ଟିକରେ ଆବିଷ୍କାର ପାଇଁ ଆଲୋଡନ ଓ ଉଦ୍ୟମ ।

ଶୈବାଳ ମହାପାତ୍ର ଆଉ ପଛଗୋଡାଣିଆ ହୋଇ ରହିବାକୁ ଚାହେଁନାହିଁ ।

ସେ ନିଜର ପଥ ନିଜେ ତିଆରି କରିବ ।

ନିକୁଞ୍ଜ ମହାନ୍ତିଙ୍କୁ କଟକ ନଗରୀ ଛାଡିଦେଇ ସେ ବାଛିନେଲା ରାଜଧାନୀକୁ , ଯେଉଁଠାରେ ପଡି ରହିଛି ଅନାବିଷ୍କୃତ ଇଲାକା , ଦେଶସେବାର ଅପହଞ୍ଚ ଉର୍ବର ଚରାଭୂଇଁ ।

କାଳେ ବସ୍‌ରେ କି ଟ୍ରେନ୍‌ରେ ଆସିଲେ ନିଜକୁ ଲଘୁତ୍ୱ ପ୍ରକାଶ ପାଇପାରେ ବୋଲି ସେ ଆସିଲା ଟାକସିରେ । ରେଳଷ୍ଟେସନରେ ୱେଟିଂ ରୁମ୍ ଅଧିକାର ନକରି ଦିନକୁ ପଚାଶ ଟଙ୍କା ଭଡା ଦେଇ ରହିଲା ରିଟାୟାରିଂ ରୁମରେ । କୋଠରୀଟି ଶୀତତାପ ନିୟନ୍ତ୍ରିତ । ହୀନମନ୍ୟତା ଓଡିଆକୁ ପଛକୁ ଟାଣୁଛି । ସେଇ ହୀନମନ୍ୟତା ବିରୁଦ୍ଧରେ ପ୍ରଥମେ ସଂଗ୍ରାମ ଘୋଷଣା କଲା ଶୈବାଳ ମହାପାତ୍ର ।

ରିଟାୟାରିଂ ରୁମକୁ ଓହ୍ଲେଇ ଆସିବାବେଳେ ସେ ଦୃଷ୍ଟି ଆକର୍ଷଣ କଲା କେତେଜଣ ବେକାର ଯୁବକଙ୍କର । କାମ ନଥିବା ଲୋକେ ଷ୍ଟେସନକୁ ଆସନ୍ତି ସମୟ କାଟିବାପାଇଁ । ବେକାରମାନେ ଆସନ୍ତି ନିଜର ଗ୍ଲାନିକୁ ଭୁଲିଯିବାପାଇଁ । ଆଉ କିଏ ଆସେ ସମୟ କାଟିବାକୁ ।

ଶୈବାଳକୁ ଦେଖି ପଛେଇ ଯାଉଥିବା ତିନିଜଣ ଶିକ୍ଷିତ ଯୁବକଙ୍କୁ ପାଖକୁ

ଡାକି ସେ କହିଲା , ବହୁତ ହୋଇଛି , ଆଉ ଫଛଘୁଞ୍ଚା ନାହିଁ , ଏଥର କେବଳ ଆଗେଇବାକୁ ହେବ । ଉତ୍କଳମଣିଙ୍କ ଅକ୍ଷୟ ବାଣୀ ମନେ ପକାଅ :
ପଛଘୁଞ୍ଚା ନାହିଁ ବୀରର ଜାତକେ , ନମରେ ସେ କେବେ ପରାଣ ଆତଙ୍କେ ।
ଦିନକୁ ଶତବାର ନମରି ଦିନେ ମରିବା ଭଲ । ପାରିବ ?
ସେମାନେ ପରସ୍ପରର ମୁହଁକୁ ଅନେଇଲେ ।
କିନ୍ତୁ ସେମାନଙ୍କର ଉତ୍ତରକୁ ଅପେକ୍ଷା ନ ରଖି ଶୈବାଳ କହିଲା ,
ଧର୍ମପଦ କଥା ମନେ ପକାଅ । ସେ କଣ ଜାଣିଥିଲା ଯେ ବାରଶହ ବଢେଇ ଯାହା ପାରିବେ ନାହିଁ ସେ ତାହା କରିପାରିବ ? କିନ୍ତୁ ବାରଶହ ବଢେଇ କରିପାରି ନଥିବା କାମକୁ ସେ କେବଳ ସଂପୂର୍ଣ୍ଣ କଲାନାହିଁ , ସେ ନିଜର ତ୍ୟାଗଦ୍ୱାରା ଇତିହାସରେ ଅମର ହୋଇଗଲା । ବାରଶହ ବଢେଇର ଦାୟ କି ପୁଅର ଦାୟର ଉତ୍ତର ଧର୍ମପଦ ଦେଇଥିଲା । ତାପରେ ଆଠଶହ ବର୍ଷ ଅତୀତ ହୋଇଯାଇଛି , ସେହି ଉତ୍ତର ଦବାପାଇଁ ଆଉ କେହି ଭରସି କରି ଆଗେଇ ଆସିନାହିଁ । ତୁମର ମୁହଁ କହିଦେଉଛି ତୁମେ ସାମାନ୍ୟ ନୁହଁ , ଆପାଙ୍କ୍ତେୟ ବା ଅଲୋଡା ନୁହଁ । ତୁମେ ସାମାନ୍ୟ ଆବରଣ ଭିତରେ ଅସାମାନ୍ୟ । ତୁମର ପ୍ରୟୋଜନ ଅଛି । ମୋତେ ଗୋଟିଏ ଉତ୍ତର ଦିଅ : ପାରିବ କି ନାହିଁ ? //
କେତେଦିନୁ ସୁଭଦ୍ରାଙ୍କ ଦେହରେ ହାତ ବାଜି ନଥିଲା । ସେଥିପାଇଁ ହାତ ଲାଗିଲାକ୍ଷଣି ଚାଉଁକିନା ହୋଇଗଲା ସର୍ବାଙ୍ଗ । ଶୋଇ ପଡିଥିବା ପୃଥିବୀଟା ତେଜି ଉଠିଲା ପୁଣି । ସୁଭଦ୍ରା କହିଲେ ବୟସ ଯେତିକି ବଢୁଛି ସେତିକି ଟୋକା ହଉଛ ?
କିଏ ଶୁଣୁଛି ତାଙ୍କ କଥା । ସୁଭଦ୍ରା ସଦାବେଳେ ଇମିତି ମନା କରନ୍ତି ।
କିନ୍ତୁ ଦୀନବଂଧୁ ପ୍ରତ୍ୟେକ ପ୍ରାଣତନ୍ତ୍ରୀର ଚିତ୍କାରରେ ଅନୁଭବ କରନ୍ତି ତାଙ୍କର ଶୀତ୍କାର । ସେହି ସୁଖର ସେ ଏକକ ଅଧିକାରୀ ନୁହଁନ୍ତି , ସୁଭଦ୍ରା ବି ଭାଗ ବସାନ୍ତି ସେଥିରେ ।
ଦୀନବନ୍ଧୁ କହିଲେ ' ମୋ ଦେହ ତ ସବୁଦିନ ଏକାପରି । କିନ୍ତୁ ହାଡମାଳ

କିମିତି ଗଣିହେଉଛି । ତୁମ ଦିହରେ ଯଦି ଦେଖନ୍ତ , ଗାଳିଦିଅନ୍ତ ମତେ । ତୁମର ସୁନାର ଶରୀର ଆଉ ନାହିଁ । '

ସୁଭଦ୍ରା କହିଲେ , ' ବୁଢୀ ହେଲିଣି , ଏତେ ସୁଆଗ ପାଇଁ ସମୟ ନାହିଁ । '

ଦୀନବନ୍ଧୁ ଆଶ୍ଚର୍ଯ୍ୟ ହୁଅନ୍ତି ଦାମ୍ପତ୍ୟ ଜୀବନର ମୋହ ଦେଖି । ଦୁହେଁ ଦୁହିଁଙ୍କର । ପ୍ରତ୍ୟେକ ପ୍ରତ୍ୟେକଙ୍କ ପାଇଁ ସୃଷ୍ଟି । ସେଇ ଏକାପରି ସବୁ ହୁଏ । ନୂତନତ୍ୱ କିଛି ନାହିଁ । କିନ୍ତୁ ଦୀନବନ୍ଧୁଙ୍କୁ ପ୍ରତିଥର ମନେହୁଏ ସେ ଯେପରି ନୂଆକରି ଆରମ୍ଭ କରୁଛନ୍ତି । ସୁଭଦ୍ରା ଯେପରି ରସର ଅସରନ୍ତି ଭଣ୍ଡାର ।

ସୁଭଦ୍ରା କୁହନ୍ତି , ପିଲାଗୁଡା ବଡ ବଡ । ଆଉ କିଛି କରି ନ ବସ ଯିମିତି ।

ଦୀନବନ୍ଧୁ ସତର୍କ ହୋଇଯାଇ କୁହନ୍ତି , ' ସେ ଭୟ ଆଉ ନାହିଁ । କୌଶଳ ଶିଖିଯାଇଛି ମୁଁ । '

ହସିପକେଇ କୁହନ୍ତି ସୁଭଦ୍ରା , ' ଆଉ କାହା ପାଖରେ ଖଡିଧରି ଶିଖୁଛ କି ? '

ତାକୁ ନିସ୍ପେଷିତ କରି କୁହନ୍ତି ଦୀନବନ୍ଧୁ , ତୁମ ମୁହଁକୁ ଚାହିଁଲେ ଆଉ କିଛି ମନେ ପଡେନି । ଇମିତି ସ୍ତ୍ରୀ କେତେକଙ୍କ ଭାଗ୍ୟରେ ଅଛି ... ।

ସୁଭଦ୍ରା ମନବୋଧ କରିବା ପାଇଁ ନିଶ୍ଚଳ ହୋଇ ପଡିରୁହନ୍ତି ।

ଦୀନବନ୍ଧୁଙ୍କର କ୍ଲାନ୍ତ ଦେହରେ ଚରିଯାଏ ସୁଖର ରୋମାଞ୍ଚ । ସେ ସଙ୍ଗେ ସଙ୍ଗେ ଶୋଇପଡନ୍ତି ନିଘୋଡ ନିଦରେ ।

ସୁଭଦ୍ରା ମନକୁ ମନ ହସନ୍ତି ।

ଏଇ ସ୍ୱାମୀ ! ଏଇ ପତି ପରମ ଦେବତା ! ଆହା ! ସେ ସବୁଦିନ ସ୍ୱାମୀଙ୍କୁ ଏଇ ସୁଖ ଦେଇ ପାରୁଥାଆନ୍ତେ କି ?

ଆଶାତୀତ ସଫଳତା ଅର୍ଜନ କରି ନିଜ କୃତିତ୍ୱରେ ମୁଗ୍ଧ ହୋଇଗଲା ଶୈବାଳ ।

ମାସ କେତୋଟିରେ ଅନେକ ଶକ୍ତି ସେ ସଞ୍ଚୟ କରିଛି । ଦଳବଡ
ହୋଇଛି । ସଭ୍ୟସଂଖ୍ୟା ବୃଦ୍ଧିପାଇଛି ।
`ଅଭ୍ୟୁଦୟ ସମାଜ ' ଏକ ରାଜନୈତିକ ଦଳ ନୁହେଁ , ଏକ ସମାଜିକ ଦଳ ।
ରାଜନୈତିକ ଲକ୍ଷ୍ୟ ଯେ ନାହିଁ ତାହା ନୁହେଁ , ବରଂ ସାମାଜିକ ଲକ୍ଷ୍ୟ ଅଗ୍ରାଧିକାର
ପାଇଛି । ଶୈବାଳ କୁହେ , ରାଜନୀତି କରିବାପାଇଁ ଲୋକଙ୍କର ଅଭାବ ନାହିଁ , ଦଳ
ବି କମ୍ ନାହାଁନ୍ତି , କିନ୍ତୁ ସମାଜ ସେବା କରିବାପାଇଁ ଲୋକଙ୍କର ଘୋର ଅଭାବ ।
ସମାଜ ସେବା କରିବା ସଙ୍ଗେ ସଙ୍ଗେ ଯଦି ଦେଶ ଚାହେଁ , ଲୋକେ ଦାବୀ କରନ୍ତି
ରାଜନୀତି ଭିତରକୁ ଡେଇଁବାକୁ ହେବ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ । ତା
ଆଗରୁ ନୁହେଁ ।
ଏଥିପାଇଁ `ଅଭ୍ୟୁଦୟ ସମାଜ ' ଅଳ୍ପଦିନ ମଧ୍ଧରେ ଏକ ପ୍ରଥମ ଶ୍ରେଣୀର
ଅନୁଷ୍ଠାନରେ ପରିଣତ ହୋଇଛି । ରାଜନୀତିର ଦଳୀୟ କନ୍ଦଳରେ ବୀତସ୍ପୃହ ହୋଇ
କେତେଜଣ ରଚନାତ୍ମକ କାର୍ଯ୍ୟ କରିବା ପାଇଁ ଅଭ୍ୟୁଦୟ ସମାଜରେ ଯୋଗ
ଦେଇଛନ୍ତି । ଚାକିରି ଖୋଜୁଥିବା ଅନେକ ବେକାର ଯୁବକ ଶପଥ ନେଇଛନ୍ତି ଦେଶର
ଓ ଦଶର କାମ କରିବେ ।
ଶୈବାଳ ସେମାନଙ୍କର ନେତା । ସଙ୍ଗଠନର ସଭାପତି ।
କେତେଗୁଡିଏ ଚମତ୍କାର ଧ୍ୱନି ନିଜେ ରଚନା କରିଛି ଶୈବାଳ ।
ଧ୍ୱନି ବ୍ୟତୀତ ସଙ୍ଗଠନର ଅସ୍ତିତ୍ୱ ରହେ ନାହିଁ । ସ୍ଲୋଗାନ ବିନା
ଶୋଭାଯାତ୍ରା ବା ସଂଗ୍ରାମ ଚାଲେ ନାହିଁ ।
ଶୀତଦିନ କାମ କରିବାପାଇଁ ଅନୁକୂଳ । ଶୀତ ଋତୁରେ `ଅଭ୍ୟୁଦୟ ସମାଜ ' ର
ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ବସିବା ସ୍ଥିର ହେଲା । ପ୍ରତି ଜିଲ୍ଲା ,
ସବ୍‌ଡିଭିଜନ୍ ଏବଂ ବ୍ଲକରୁ ପ୍ରତିନିଧିମାନେ ଆସିବେ । ଦେଶରେ କେତେଜଣ
ବର୍ଷିଆନ୍ ଗାନ୍ଧିବାଦୀ ମଧ୍ଧ ଆସିବା ଲାଗି ସମ୍ମତି ଦେଇ ସାରିଲେଣି । //
ଜନଜୀବନରେ ପ୍ରତିଷ୍ଠିତ ହବା ଯେତିକି କଷ୍ଟସାଧ୍ଧ ତାଠାରୁ
ଅଧିକ କଷ୍ଟସାଧ୍ଧ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତିକୁ ଅବ୍ୟାହତ ରଖିବା

ପ୍ରତିଯୋଗିତାର ଯୁଗରେ ଶୀର୍ଷ ସ୍ଥାନରେ ଯେପରି ଅଧିକ ସମୟ ରହିହୁଏ ନାହିଁ , ଶୀର୍ଷ ସ୍ଥାନକୁ ଯିବାପାଇଁ ସେହିପରି ଖୁବ୍ କମ୍ ସମୟ ନବାକୁ ହୁଏ । ଗୋଟିଏ କଥାରେ କହିଲେ ଲଙ୍ଗ ରନ୍ ପରି । ଯାହାର ଗତି କ୍ଷିପ୍ର ଏବଂ ଶକ୍ତି ଯଥେଷ୍ଟ ସେ ବିଜୟୀ ହୁଏ । ଲକ୍ଷସ୍ଥଳରେ ପହଞ୍ଚିଗଲେ ସଫଳତା ଯେତିକି ଆନନ୍ଦ ଦିଏ , ତାପରେ ପରେ ସମସ୍ତଙ୍କୁ ଅତିକ୍ରମ କରି ଦୌଡିବାର ଯନ୍ତ୍ରଣା ଶରୀରକୁ ଅବଶ କରି ଆଣେ ।

ଶୈବାଳ ମହାପାତ୍ର ଖୁବ୍ ହିସାବୀ । ଅଙ୍କରେ ସେ କେବେ ଦକ୍ଷ ଛାତ୍ର ନଥିଲା । କିନ୍ତୁ ନେତା ହବାପରେ ଅଙ୍କର ପ୍ରୟୋଜନ ସବୁଠାରୁ ବେଶି ଅନୁଭୂତ ହେଉଛି । ସମୟ , ସୁଯୋଗ , ସମ୍ପଦ ଏବଂ ସମର୍ଥନ ଏସବୁ ଗୁଡିକୁ ନେତୃତ୍ୱ ବଜାୟ ରଖିବା ସକାଶେ ଉପଯୋଗ କରିବାକୁ ହୁଏ । ଏଥିପାଇଁ ରଣ କୌଶଳ ଜାଣିବା ଦରକାର । ନିକୁଞ୍ଜ ମହାନ୍ତି ତାକୁ ଗୀତାର ଯେଉଁ କଥାଟି କହିଥିଲେ ତାହା ଜୀବନସାରା ମନେରହିବ । ' ଯୋଗ କର୍ମସୁ କୌଶଳମ୍ ' । କୌଶଳ ଜାଣି ନଥିଲେ ଅର୍ଜୁନ ତାଙ୍କ ଅପେକ୍ଷା ବଳବାନ ଯୋଦ୍ଧାମାନଙ୍କୁ ପରାସ୍ତ କରିପାରି ନଥାନ୍ତେ । ପ୍ରତିଯୋଗିତା ବଢୁଛି ସବୁକ୍ଷେତ୍ରରେ । ବିଜ୍ଞାନରେ , ଦର୍ଶନରେ , ସାହିତ୍ୟରେ ନୂତନ ପ୍ରତିଭା ସୃଷ୍ଟି ହେଉଛି । ରାଜନୀତିରେ ମଧ୍ଧ ସେହିପରି । ସବୁ କାଳରେ ଜ୍ଞାନୀ ଓ ଯୋଗ୍ୟବ୍ୟକ୍ତି ହିଁ ବିଜୟଲାଭ କରେ । ଯିଏ ଅଯୋଗ୍ୟ , ଅପଦାର୍ଥ ସେ ପଛରେ ରହି ଆଉ କାହାର ପଛଗୋଡାଣିଆ ବା ପାଖଲୋକ ହବାକୁ ଜୀବନର ପରମାର୍ଥ ମନେକରେ ।

ସେ ଏଯାଏ କେବଳ ଆଗେଇ ଆସିଛି । ପଛକୁ ଚାହିଁ ନାହିଁ କି ପଛକୁ ଚାହିଁବା ପାଇଁ ସମୟ ହୋଇନାହିଁ । ପଛକୁ ଚାହିଁବାକୁ ଭୟ ଲାଗେ । ରେଢାଖୋଲର ନିମ୍ନମଧ୍ଧବିତ୍ତ ପରିବାରର ଅଭାବ ଅନାଟନ , ପରମ୍ପରାକୁ ଜାବୁଡି ଧରି ନିପୀଡିତ ହବା ସବୁ ସଫଳତା ବା ବିଫଳତାକୁ ବିଧିଲିପି କହି ସାନ୍ତ୍ୱନା ପାଇବା ଏବଂ ଯନ୍ତ୍ରଣାରୁ ମୁକ୍ତି ପାଇବାପାଇଁ ନିଜେ ଚେଷ୍ଟା ନକରି ଉଦ୍ଧାର ପାଇବା ପାଇଁ ଅନ୍ୟର ମୁହଁକୁ ଅନେଇବା ନିଗାଡି ନେଇଥିଲା ତାର ଆଦ୍ୟଜୀବନର ସବୁ ସରସତା , ଏବଂ

ରସବୋଧ । ଗଛର ଡାଳରେ ଖସି ପଡିଥିବା ଆମ୍ବ କସିଟି ପରି ସେ ପରିବେଶର ଉତ୍ତାପରେ ସଢିବ ନାହିଁ , ନିଜର ଉତ୍ତାପ ବିକିରଣ କରି ନିଜେ ଆକର୍ଷଣର କେନ୍ଦ୍ର ହୋଇ ଉଠିବ ।

ଚା କପେ ମଗାଇଲା ଶୈବାଳ ।

ଦଶଟାବେଳକୁ ଚା ନ ପିଇଲେ ମଥା ଧରେ । ଅଥଚ ଏଗାରଟା ବାଜିବ , ସେ ଚା ପିଇବାକୁ ସଂପୂର୍ଣ୍ଣ ଭୁଲିଯାଇଛି ।

ଚା ଦେଇଗଲା ପିଲାଟିଏ ।

ମାସକୁ ମାସ ପଇସା ନିଏ ଚା ଦୋକାନୀ । ଜଳଖିଆ ବି ଯୋଗାଏ । ପାନ ସିଗ୍ରେଟ ବି ଏହିପରି ଆସେ ।

ଆତିଥେୟତା ଯୋଗୁଁ ଓଡିଆ ଜାତି ପ୍ରସିଦ୍ଧ । ଓଡିଶା ମାଟିରେ ପାଦ ଦବାକ୍ଷଣି ସମସ୍ତେ ଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ହୋଇ ଆଗନ୍ତୁକର ଚର୍ଚ୍ଚା କରନ୍ତି । ଅତିଥି ଭବନର ଦ୍ୱାର ସର୍ବଦା ଉନ୍ମୁକ୍ତ । ଭି.ଆଇ.ପି. ହୁଅନ୍ତୁ ବା ଆଉ କେହି ହୁଅନ୍ତୁ ରାଜଧାନୀରେ ପାଦ ଦବାକ୍ଷଣି ସବୁ ଦାୟିତ୍ୱ ଓଡିଶାର । ମାନପତ୍ର ଦବାଠାରୁ ଆରମ୍ଭ କରି ଉପହାର ଦବା ସବୁ କାମ କରାହୁଏ । ଖାଲି ହାତରେ ଓଡିଶାକୁ ଆସିଥିବା ବ୍ୟକ୍ତି ଫେରନ୍ତି ସୁଟକେଶ ଭର୍ତ୍ତି କରି । ତାରକସି କାମ , ସମ୍ବଲପୁରୀ ଶାଢୀ , ପିପିଲିର ଥଳି , ପଟ୍ଟଚିତ୍ର , ପଥରମୂର୍ତ୍ତି ଏବଂ ମହାପ୍ରସାଦ ଉପହାରର ଉତ୍କୃଷ୍ଟ ସାମଗ୍ରୀ ।

ଓଡିଶା ମାଟି ଛାଡିବା ପରେ ମନ ଅନ୍ୟ ରକମର ହୁଏ । ଭୁଲି ଯାଆନ୍ତି ଓଡିଶାର ଦାବୀ , ଓଡିଆଙ୍କ ହାରି ଗୁହାରୀ । ବ୍ରିଫ୍‌କେସ ଭିତରେ ସାଇତି ରଖିଥିବା ମେମୋରାଣ୍ଡମର ଦାବୀଗୁଡିକୁ ଛିଡା କାଗଜ ପରି ଉଡେଇ ଦିଅନ୍ତି ଶୂନ୍ୟରେ ।

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିବା ଓଡିଶାର ଶକ୍ତିକୁ କେହି ବିଶ୍ୱାସ କରନ୍ତି ନାହିଁ ।

ଚୈତନ୍ୟଦେବ ଯେଉଁଦିନ ପ୍ରେମ ଧର୍ମ ପ୍ରଚାର କଲେ ମହାନଦୀର

ଗଡଗଡିଆ ବାଲିରେ ସେହିଦିନଠାରୁ ଖୋଳ କରତାଳ ଧରି ଓଡିଆ କୀର୍ତ୍ତନ କରୁଛି , ତାକୁ କେହି ଗୁରୁତ୍ୱ ଦେଉନାହିଁ । ତା କଥା ଅସ୍ପଷ୍ଟ , ତାର ଲକ୍ଷ୍ୟ ମଧ୍ୟ ଅନିର୍ଦ୍ଦିଷ୍ଟ ।

ଶୈବାଳ ଚା ପିଇ ସାରିବାବେଳକୁ ପୁଣି ନିଜର ମିଜାଜ୍ ଫେରି ପାଇ କହିଲା , ଯିଏ ସାକ୍ଷାତ କରିବା ପାଇଁ ଅପେକ୍ଷା କରୁଛନ୍ତି ତାଙ୍କୁ ଡାକ ... ।

ଜଣେ ମଧ୍ୟବୟସ୍କ ବ୍ୟକ୍ତି ଆସି ଚୌକିଟିଏ ଦଖଲ କଲେ । //

ଶୈଳ ଯେ ଏକଥା ଭାବି ନାହିଁ ତାହା ନୁହେଁ । କିନ୍ତୁ ଏହି ଲୋକଟି ଯେପରି ସୁନ୍ଦର ଭାବରେ ଏ ବିଷୟରେ ଚିନ୍ତା କରିଛି ସେପରି ବିସ୍ତୃତ ଓ ବିଚକ୍ଷଣ ଭାବରେ ସେ କେବେ ଭାବି ନାହିଁ ।

ଆଗନ୍ତୁକ କିଛି ଶୁଣିବାପାଇଁ ଆଶାନ୍ୱିତ ହୋଇ ଅନେଇଥିଲେ ତା ମୁହଁକୁ ।

ଶୈଳ କହିଲା , ଆପଣ ଆରମ୍ଭ କରନ୍ତୁ । ସହାନୁଭୂତି ବା ସମବଳର ଅଭାବ ହବ ନାହିଁ ।

- ଆପଣ ସମାଜ ସେବିକା । ଆପଣ ଏହାର ନେତୃତ୍ୱ ନିଅନ୍ତୁ ... ।
- ମୁଁ ରାଜି , କିନ୍ତୁ କିପରି କଅଣ କରିବାକୁ ହେବ ତାହା ସ୍ଥିର କରିବା ଦରକାର ।
- ନିଶ୍ଚୟ । ସ୍କିମ ପ୍ରସ୍ତୁତ ହୋଇ ରହିଛି ।
- ଆପଣ ଆଉ କାହା ସହିତ ଏ ସମ୍ପର୍କରେ ପରାମର୍ଶ କରିଛନ୍ତି ?
- ନା , ଆପଣଙ୍କ ସହିତ ପ୍ରଥମ । ଆପଣଙ୍କ ପ୍ରେରଣା ବ୍ୟତୀତ ଆଗେଇବା ଅସମ୍ଭବ ।
- ଆପଣ ଆରମ୍ଭ କରନ୍ତୁ । କଅଣ କରିବାକୁ ହବ କହିବେ ... ।
- ଗୋଟିଏ ଟ୍ରଷ୍ଟ ଗଠନର ପ୍ରସ୍ତାବ ଅଛି ।
- ସେହି ଟ୍ରଷ୍ଟ ଏହାକୁ ପରିଚାଳନା କରିବେ ?
- ହଁ । ଟ୍ରଷ୍ଟ ସବୁଆଡକୁ ସୁବିଧା ।

– ମୁଁ ବି ସେୟା ଭାବୁଛି । ଟ୍ରଷ୍ଟରେ କିନ୍ତୁ ସମଧର୍ମୀ ବ୍ୟକ୍ତି ରହିବା ଦରକାର ।
ନହେଲେ ପରେ ଅନୁଷ୍ଠାନ ଅନ୍ତର୍ଦ୍ୱନ୍ଦରେ ଭାଙ୍ଗିଯିବ ।
– ସେ ବିଷୟରେ ମୁଁ ମଧ୍ୟ ଅନେକ ଭାବିଛି । ଟ୍ରଷ୍ଟରେ ଗଣ୍ୟମାନ୍ୟ
କେତେଜଣ ରହିବେ , ଯେଉଁମାନଙ୍କ ଉପରେ ଜନସାଧାରଣଙ୍କର ଆସ୍ଥା ଥିବ । କିନ୍ତୁ
ଆପଣ ମ୍ୟାନେଜିଂ ଟ୍ରଷ୍ଟି ରହିବେ ... ।
– ଆପଣ ସବୁ କାଗଜ ପ୍ରସ୍ତୁତ କରନ୍ତୁ ।
– ବିଶିଷ୍ଟ ଶିଳ୍ପପତି ବା ବଦାନ୍ୟ ଧନାଢ୍ୟ ବ୍ୟକ୍ତିଙ୍କର ସାହାଯ୍ୟ ଯେପରି
ଆବଶ୍ୟକ , କ୍ଷମତାଶାଳୀ ବ୍ୟକ୍ତିଙ୍କର ପୃଷ୍ଠପୋଷକତା ମଧ୍ୟ ସେହିପରି ପ୍ରୟୋଜନ ।
ସେଗୁଡିକ ପ୍ରାଥମିକ ଆବଶ୍ୟକତା ... ।
ଚନ୍ଦ୍ରଗୁପ୍ତ ଆନ୍ତରିକ କୃତଜ୍ଞତା ଜଣାଇ ଉଠିପଡି ନମସ୍କାର କଲା ବିଦାୟ
ନବାପାଇଁ ।
ଶୈଳ କହିଲା , ମୁଁ ଖୁବ୍ ଆନନ୍ଦିତ । ଆପଣ ସଫଳ ହେବେ ନିଶ୍ଚୟ ।
ଯେତେବେଳେ ଦରକାର ହେବ ଚାଲି ଆସିବେ । ଆଜିଠାରୁ ତ ଆମେ ଏକ ସଂସ୍ଥାର
ସଭ୍ୟ ।
କୃତକୃତ୍ୟ ହୋଇ କହିଲା ଚନ୍ଦ୍ରଗୁପ୍ତ , ମୁଁ ସବୁ ସମୟ ଦେଇ କାର୍ଯ୍ୟ କରିବା
ପାଇଁ ସଂକଳ୍ପ ନେଇଛି ।
ଚନ୍ଦ୍ରଗୁପ୍ତ ପୁଣିଥରେ ନମସ୍କାର କରି କକ୍ଷ ମଧ୍ୟରୁ ଅଦୃଶ୍ୟ ହୋଇଗଲା ।
ତାର ଯିବା ପଥକୁ ଅନାଇ ରହିଲା ଶୈଳ ।
ହଠାତ୍ ତାର ମନେ ପଡିଲା ହେମନ୍ତ ଉତ୍ସବ କଥା ।
ହାତଘଡିକୁ ଅନେଇଲା ସେ ।
ପାଞ୍ଚଟା ବାଜି ସାରିଛି । ଜଲଦି ଚା କପେ ପିଇସାରି ପ୍ରସ୍ତୁତ ହବାପାଇଁ
ସେ ଦ୍ରୁତ ପଦରେ ପ୍ରବେଶ କଲା ବାଥରୁମ ଭିତରେ ।
କବାଟ ବନ୍ଦ କରି ନିରାଭରଣା ହୋଇ ସାୱାର ତଳେ ଛିଡାହୋଇ
କଳଟାକୁ ଖୋଲି ଦେଲା ଶୈଳ ।

ଶୀତଦିନର ସଂଧ୍ଧାରେ ଶୀତଳ ଜଳ ଦେହରେ ପଡିବା ପରେ ବି ଉଷୁମ
ଲାଗୁଥିଲା ଭିତରଟା ।
ବେଳେବେଳେ ଏହିପରି ଲାଗେ ।
ଛାଡି ଆସିଥିବା ସମୟ ଛିଡା ହୁଏ ଆଗରେ ।
ନଷ୍ଟ ସୁଯୋଗ ଗୁଡାକ ମଚ୍ଛି ପକାଏ ମନକୁ ।
ସେ ସୁଯୋଗ ଗ୍ରହଣକରି ସମୟକୁ ବାନ୍ଧିପାରି ଥାଆନ୍ତା ... କିନ୍ତୁ କିଛି
ହେଲାନାହିଁ । ସବୁ ପାଇବା ପାଇଁ ଲୋଭ କରି କିଛି ପାଇଲା ନାହିଁ ।
ବତିଶ ବର୍ଷରେ ତା ଜୀବନରେ ସ୍ଥାୟୀ ହୋଇ କେହି ରହିଲେ ନାହିଁ ।
ସୁଗମ ସଂଗୀତ ପାଇବା ପାଇଁ ସେ ସମଧର୍ମା ଜଣକୁ ବାଛିନେଇ ପାରିଲା ନାହିଁ ।
ଏବେ ବି ବିଳମ୍ବ ହୋଇନାହିଁ । କିନ୍ତୁ ଅତୀତଟା ସରିଯାଇଛି
ସିନା ମରିନାହିଁ । କୁହୁଳୁଛି । କେତେବେଳେ ନିଆଁ ଜଳି ଉଠିବ କିଏ କହିବ ?
ସେହି ଲୋକଟା ଯଦି ତାକୁ ଖୋଜି ଖୋଜି ପହଂଚିଯାଏ ପୁଣି ... ।